অরুণ କୁମାର ରାଉତ ଏବଂ ଅନ୍ୟମାନେ

ବନାମ

ବିହାର ରାଜ୍ୟ ଏବଂ ଅନ୍ୟମାନେ

ନଭେମ୍ବର 20,1997

(ଜି.ଏନ୍. ରାୟ ଏବଂ ଏସ୍.ପି. ଭରୁଚା, ନ୍ୟାୟମୂର୍ତ୍ତିଦ୍ୱୟ)

*ସେବା ଆଇନ— ଦୈନିକ ମଜୁରୀରେ ନିଯୁକ୍ତି— ନିୟମିତିକରଣ— ପରବର୍ତ୍ତୀ ସେବାର ସମାପ୍ତି— ବୈଧତା— ବିହାର ସରକାର— ସ୍ୱାସ୍ଥ୍ୟ ବିଭାଗ— ଦୈନିକ ମଜୁରୀ ଭିତ୍ତିରେ ଅପିଲକାରୀଙ୍କ ନିଯୁକ୍ତି— ପରବର୍ତ୍ତୀ ସମୟରେ ନିଯୁକ୍ତିକୁ ନିୟମିତ କରାଯାଇଥିଲା— ଏହା ପରେ ଅପିଲକାରୀଙ୍କ ସେବାକୁ ସମାପ୍ତ କରିଦିଆଯାଇଥିଲା— ଏହି ଆଧାରରେ ଯେ, ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନକରି ନିଯୁକ୍ତି ଦିଆଯାଇଥିଲା— ଅପିଲକାରୀମାନଙ୍କ ଦ୍ୱାରା ଆଗତ ହୋଇଥିବା ରିଟ୍ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଖାରଜ ହେଲା— ତେଣୁ ଏହି ନ୍ୟାୟାଳୟରେ ଅପିଲ— ଦର୍ଶାଯାଇଛି, ଅପିଲକାରୀମାନେ ଧାର୍ଯ୍ୟ ପ୍ରକ୍ରିୟା ଅନୁସରଣ କରି ନିଯୁକ୍ତ ହୋଇନଥିଲେ ଏବଂ ସେଥିପାଇଁ ସେମାନେ ନିଶ୍ଚିତ ଭାବରେ ନିୟମିତିକରଣ ପାଇଁ ଦାବି କରିପାରିବେ ନାହିଁ— କିନ୍ତୁ ଏହି ତଥ୍ୟକୁ ବିଚାରକୁ ନେଇ ଯେ, (i) ଦୀର୍ଘ ସମୟ ଧରି କୌଣସି ଦରମା ନପାଇ ମଧ୍ୟ ସେମାନେ ସନ୍ତୋଷଜନକ ଭାବେ ବିଭାଗର କାର୍ଯ୍ୟ କରିଥିଲେ; (ii) ସେମାନେ କୌଣସି ଜାଲିଆତି କିମ୍ବା ନୀତିହୀନ ଅଭ୍ୟାସରେ ଦୋଷୀ ନଥିଲେ; (iii) ସେମାନଙ୍କର ଆବଶ୍ୟକ ଯୋଗ୍ୟତାର ଅଭାବ ନଥିଲା ଏବଂ (iv) ସେମାନଙ୍କୁ ଅନୁମୋଦିତ ପଦବୀରେ ନିଯୁକ୍ତ କରାଯାଇଥିଲା, ଅପିଲକାରୀମାନେ ସହାନୁଭୂତିଶୀଳ ବିଚାରର ଯୋଗ୍ୟ ଅଟନ୍ତି— ଏହି ଅପିଲକାରୀଙ୍କ ଦ୍ୱାରା ଅନୁମୋଦିତ ପଦବୀଗୁଡ଼ିକ ମଧ୍ୟରୁ 50 ପ୍ରତିଶତ ଅପିଲକାରୀଙ୍କ ପରସ୍ପର ମଧ୍ୟରେ ଥିବା ଯୋଗ୍ୟତା ଆଧାରରେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାକୁ ଧ୍ୟାନରେ ରଖି, ଯଦି କୌଣସି ବୟସ ସୀମା ପ୍ରଶ୍ନ ଥାଏ, ତାହା ଛାଡ କରି ଏବଂ ଏପରି ନିଯୁକ୍ତି ପାଇଁ ସାଧାରଣ ପ୍ରକ୍ରିୟା ଆଧାରରେ ପୂରଣ କରାଯିବା ଉଚିତ ବୋଲି ନିର୍ଦ୍ଦେଶ— ଉକ୍ତ ମଞ୍ଜୁର ହୋଇଥିବା ପଦବୀଗୁଡ଼ିକ ମଧ୍ୟରୁ ଅବଶିଷ୍ଟ 50 ପ୍ରତିଶତ ନିୟମିତ ଭାବେ ପୂରଣ କରାଯିବ ଏବଂ ଏହାକୁ ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ କରାଯିବ ଏବଂ ଏପରି ନିଯୁକ୍ତି ପାଇଁ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରାଯିବ— ଅବଶିଷ୍ଟ ଅପିଲକାରୀ ଯେଉଁମାନେ ଉକ୍ତ ଅନୁମୋଦିତ ପଦବୀ ମଧ୍ୟରୁ 50 ପ୍ରତିଶତ ପଦବୀରେ ସାମିଲ ହେବେ ନାହିଁ, ସେମାନେ ଅନ୍ୟ ଯୋଗ୍ୟ ପ୍ରାର୍ଥୀଙ୍କ ସହ ନିଯୁକ୍ତି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହକଦାର ହେବେ, କିନ୍ତୁ ବୟସ ସୀମା କାରଣରୁ ସେମାନଙ୍କୁ ଅନୁପଯୁକ୍ତ ବୋଲି ବିବେଚନା କରାଯିବ ନାହିଁ— ସେମାନେ ହାସଲ କରିଥିବା ଅଭିଜ୍ଞତା ପାଇଁ ସେମାନଙ୍କୁ 25 ପ୍ରତିଶତ ନମ୍ବର ପ୍ରଦାନ କରାଯିବ— ଏହି ଆଦେଶ ଏହି ମାମଲାର ସ୍ୱତନ୍ତ୍ର ତଥ୍ୟରେ ସୀମିତ ଥିବାରୁ ଏହାକୁ ପୂର୍ବଦୃଷ୍ଟାନ୍ତ ବୋଲି ବିବେଚନା କରାଯିବ ନାହିଁ ।*

**ଅରୁଣ କୁମାର ରାଉତ ବନାମ ରାଜ୍ୟ**

ଦେୱାନୀ ଅପିଲ କ୍ଷେତ୍ରାଧିକାର:ଦେୱାନୀ ଅପିଲ ସଂଖ୍ୟା 8336/1997 ।

ସି.ଡବ୍ଲ୍ୟୁ.ଜେ.ସି ସଂଖ୍ୟା 13043/1993ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କର ତା23.9.24ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଶାନ୍ତି ଭୂଷଣ, ଜୟନ୍ତ ଭୂଷଣ ଏବଂ (ଏମ୍. ସି. ଢିଙ୍ଗ୍ରା) ।

ଉତ୍ତରଦାତାମାନଙ୍କ ପାଇଁ ବି. ବି. ସିଂ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ପକ୍ଷମାନଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ । ସି.ଡବ୍ଲ୍ୟୁ.ଜେ.ସି. ସଂଖ୍ୟା 13043/1993ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ହୋଇଥିବା ତା23.9.1994ରିଖର ଆଦେଶ ବିରୁଦ୍ଧରେ ଏହି ଅପିଲ ନିର୍ଦ୍ଦେଶିତ ହୋଇଛି । ବିହାର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ନିୟମିତୀକରଣ ଦାବି କରି 20 ଜଣ ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନକୁ ଏହି ଆକ୍ଷେପିତ ରାୟ ଦ୍ୱାରା ଖାରଜ କରାଯାଇଥିଲା । ଉକ୍ତ ସମସ୍ତ 20 ଜଣ ଅପିଲକାରୀଙ୍କୁ 1 ଜାନୁଆରୀ 1980ରେ ଦୁମକାର ସିଭିଲ ସର୍ଜନଙ୍କ ଦ୍ୱାରା ଶ୍ରେଣୀ III ଏବଂ ଶ୍ରେଣୀ IV ପଦବୀରେ ଦୈନିକ ମଜୁରୀଆ ଭାବରେ ନିଯୁକ୍ତ କରାଯାଇଥିଲା । ତା30 ମାର୍ଚ୍ଚ 1989ରିଖରେ ନିଯୁକ୍ତି କମିଟିର ସୁପାରିଶ କ୍ରମେ ଅପିଲକାରୀମାନଙ୍କ ନିଯୁକ୍ତିକୁ ନିୟମିତ କରାଯାଇଥିଲା । ଜିଲ୍ଲା ସ୍ତରୀୟ ପ୍ରତିଷ୍ଠାନ କମିଟି 25.8.1993ରେ ଅପିଲକାରୀମାନଙ୍କୁ କାରଣ ଦର୍ଶାଅ ବିଜ୍ଞପ୍ତି ଜାରି କରି ସେମାନଙ୍କୁ ଅନିୟମିତ ନିଯୁକ୍ତି ପାଇଥିବା ତଥ୍ୟକୁ ଦୃଷ୍ଟିରେ ରଖି ସେମାନଙ୍କ ନିଯୁକ୍ତି କାହିଁକି ବାତିଲ କରାଯିବା ଉଚିତ ନୁହେଁ ତାହା ଦର୍ଶାଇବାକୁ କହିଥିଲେ । ଶେଷରେ 14.10.93ରେ ଅପିଲକାରୀମାନଙ୍କ ସେବା ସମାପ୍ତ କରାଯାଇଥିଲା । ଏହା ବାସ୍ତବରେ ଦେଖିବାକୁ ମିଳିଛି ଯେ, ପ୍ରାରମ୍ଭିକ ନିଯୁକ୍ତି ସମୟରେ କୌଣସି ବିଜ୍ଞାପନ ଦିଆଯାଇ ନଥିଲା ଏବଂ ଏହି ଅପିଲାକାରୀମାନଙ୍କ ନାମ ମଧ୍ୟ ନିୟୋଜନ କାର୍ଯ୍ୟାଳୟ ଦ୍ୱାରା ପ୍ରାୟୋଜିତ ହୋଇନଥିଲା । ତଥାପି, ଏଥିରେ କୌଣସି ବିବାଦ ନାହିଁ ଯେ, ଶ୍ରେଣୀ III କିମ୍ବା ଶ୍ରେଣୀ IVରେ ସମ୍ପୃକ୍ତ ପଦବୀରେ ନିଯୁକ୍ତି ପାଇଁ ସେମାନଙ୍କ ପାଖରେ ଆବଶ୍ୟକ ଯୋଗ୍ୟତାର ଅଭାବ ନାହିଁ । ଉକ୍ତ ନିଯୁକ୍ତି ପାଇବା ସମୟରେ ଅପିଲକାରୀମାନେ କୌଣସି ଠକେଇ କିମ୍ବା କୌଣସି ଅନିୟମିତତା ପାଇଁ ଦୋଷୀ ଥିଲେ ବୋଲି ସୂଚିତ କରିବା ପାଇଁ ନଥି ମଧ୍ୟ କିଛି ନାହିଁ । ଯଦିଓ ସରକାରୀ ଚାକିରିରେ ନିଯୁକ୍ତି ପାଇବା ପ୍ରସଙ୍ଗରେ, ଏପରି ନିଯୁକ୍ତି ପାଇଁ ଅନୁସରଣ କରାଯିବାକୁ ଥିବା ପ୍ରକ୍ରିୟାକୁ ଆଡ଼େଇଦିଆଯାଇପାରିବ ନାହିଁ ଏବଂ ଯଦି ନିଯୁକ୍ତି

ପାଇଁ ପ୍ରକ୍ରିୟା ଅନୁସରଣ ନକରିବା କାରଣରୁ ପ୍ରାରମ୍ଭିକ ନିଯୁକ୍ତି ବେଆଇନ ଥିଲା, ତେବେ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନକରି ନିଯୁକ୍ତି ହାସଲ କରିବା ଅଧିକାର ବଶତଃ ଦାବି କରିପାରିବ ନାହିଁ । ଅସ୍ଥାୟୀ କିମ୍ବା କାମଚଳା ନିଯୁକ୍ତିର ବିଚାର ପାଇଁ ନିୟମିତିକରଣର ପ୍ରଶ୍ନ ଆସିବାବେଳେ ଏହି ନ୍ୟାୟାଳୟ ଏହାକୁ ସହାନୁଭୂତି ସହ ଦେଖିଛନ୍ତି, ଏପରିକି ଯଦି ଏପରି ନିରନ୍ତର ସେବାରେ ଜଡ଼ିତ ମାନବିକ ସମସ୍ୟା ହେତୁ ଦୀର୍ଘ ସମୟ ଧରି କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିଲା ତେବେ ମଧ୍ୟ ଏହା ଅନୁଚିତ ଭାବରେ କରାଯାଇଥିଲା । ଏହି ମାମଲାରେ ସମସ୍ତ ଅପିଲକାରୀମାନେ ନିଯୁକ୍ତି ପାଇବା ପରେ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ ଜାରି ରଖିଥିଲେ ଏବଂ ମାମଲା ନଥିରୁ ଏହା ମଧ୍ୟ ଦେଖାଯାଏ ଯେ, ସେମାନେ ପ୍ରଥମେ କିଛି ମାସ ପାଇଁ ବେତନ ପାଇଥିଲେ ଏବଂ ତା'ପରେ 1989 ରୁ 1992ର ଅବଧି ପର୍ଯ୍ୟନ୍ତ କୌଣସି ଦରମା ନପାଇ ଚାକିରିରେ ରହିଥିଲେ । ଏହା ପରେ ସେବା ସମାପ୍ତ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଦରମା ଦିଆଯାଇଥିଲା । ଏହା କୁହାଯାଇପାରେ ଯେ, ଅପିଲକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସେବା ସନ୍ତୋଷଜନକ ନଥିଲା ବୋଲି ସୂଚିତ କରିବା ପାଇଁ ନଥିରେ କିଛି ନାହିଁ । ଏହା ମଧ୍ୟ କୁହାଯାଇପାରେ ଯେ, ଏକ ବିଭାଗୀୟ ତଦନ୍ତ ପରେ ଏହି ଅପିଲକାରୀମାନଙ୍କୁ ଏପରି ଦରମା ପ୍ରଦାନ କରାଯାଇଥିଲା ଯାହା ସୂଚିତ କରେ ଯେ, ନିଯୁକ୍ତିରେ ଅନିୟମିତତା ଥିଲେ ମଧ୍ୟ ଅପିଲକାରୀଙ୍କ ସମ୍ପୃକ୍ତ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ଥିଲା ଯେଉଁଥିରେ ସେମାନେ ନିଯୁକ୍ତ ହୋଇଥିଲେ । ଯଦିଓ ଅପିଲକାରୀମାନେ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ନିଯୁକ୍ତ ହୋଇନଥିଲେ ଏବଂ ସେଥିପାଇଁ ସେମାନେ ନିଶ୍ଚିତ ଭାବେ ନିୟମିତିକରଣ ପାଇଁ ଦାବି କରିପାରିବେ ନାହିଁ କିନ୍ତୁ ସେମାନେ ଦୀର୍ଘ ସମୟ ଧରି କୌଣସି ବେତନ ନପାଇ ମଧ୍ୟ ସନ୍ତୋଷଜନକ ଭାବରେ ବିଭାଗର ସେବା କରିଥିଲେ ଏବଂ ସେମାନେ କୌଣସି ଠକେଇ କିମ୍ବା ଅସାଧୁ କାର୍ଯ୍ୟରେ ଦୋଷୀ ନଥିଲେ ଏବଂ ଆବଶ୍ୟକ ଯୋଗ୍ୟତାର ଅଭାବ ମଧ୍ୟ ନଥିଲା ସେଥିପାଇଁ ସେମାନଙ୍କୁ ଅନୁମୋଦିତ ପଦବୀରେ ନିଯୁକ୍ତ କରାଯାଇଥିଲା, ଏହି ତଥ୍ୟକୁ ବିଚାରକୁ ନେଇ ଆମେ ଅନୁଭବ କରୁ ଯେ, ଅପିଲକାରୀମାନେ ମାନବିକ ବିଚାରରେ ଏହିପରି ଅନୁମୋଦିତ ପଦବୀ ବିରୁଦ୍ଧରେ ନିଯୁକ୍ତି ପାଇବା ପାଇଁ ସହାନୁଭୂତିଶୀଳ ବିଚାର ପାଇବାକୁ ଯୋଗ୍ୟ ଅଟନ୍ତି । ଏହି ଅପିଲର ବିଶେଷ ତଥ୍ୟକୁ ବିଚାରକୁ ନେଲେ, ଏହା ଆମକୁ ପ୍ରତୀୟମାନ ହୁଏ ଯେ, ନ୍ୟାୟର ଉଦ୍ଦେଶ୍ୟରେ ଏହା ନିର୍ଦ୍ଦେଶ ଦେବା ଯଥାର୍ଥ ଏବଂ ଉପଯୁକ୍ତ ଭାବେ ସୁସଂଗତ ହେବ ଯେ, ଏହି ଅପିଲକାରୀମାନଙ୍କ ଦ୍ୱାରା ଧାରଣ ହୋଇଥବା ଅନୁମୋଦିତ ପଦବୀଗୁଡ଼ିକ ମଧ୍ୟରୁ 50 ପ୍ରତିଶତକୁ ଅପିଲକାରୀମାନଙ୍କ ମଧ୍ୟରେ ଯୋଗ୍ୟତା ଆଧାରରେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାକୁ ଧ୍ୟାନରେ ରଖି ଯଦି କୌଣସି ବୟସ ସୀମାର ପ୍ରଶ୍ନ ଆସେ ଏହାକୁ ଏହିପରି ନିଯୁକ୍ତି ପାଇଁ ସାଧାରଣ ପ୍ରକ୍ରିୟାକୁ ବାଦ ଦେଇ ପୂରଣ କରାଯିବା ଉଚିତ । ଉକ୍ତ ମଞ୍ଜୁର ହୋଇଥିବା ପଦବୀଗୁଡ଼ିକ ମଧ୍ୟରୁ ଅବଶିଷ୍ଟ 50 ପ୍ରତିଶତ ପଦବୀକୁ ନିୟମିତ ଭାବେ ପୂରଣ କରାଯିବ ଏବଂ ବିହାର ରାଜ୍ୟରେ ଏଭଳି ନିଯୁକ୍ତି ପାଇଁ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଜନସାଧାରଣଙ୍କ ପାଇଁ ଏହାକୁ ଉନ୍ମୁକ୍ତ ରଖାଯିବ । ଅବଶିଷ୍ଟ ଅପିଲକାରୀ ଯେଉଁମାନେ ଉକ୍ତ ଅନୁମୋଦିତ

ପଦବୀ ମଧ୍ୟରୁ 50 ପ୍ରତିଶତ ପଦବୀରେ ସାମିଲ ହେବେ ନାହିଁ, ସେମାନେ ଅନ୍ୟ ଯୋଗ୍ୟ ପ୍ରାର୍ଥୀଙ୍କ ସହିତ ଅବଶିଷ୍ଟ 50 ପ୍ରତିଶତ ପଦବୀରେ ନିଯୁକ୍ତି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହକଦାର ହେବେ କିନ୍ତୁ ବୟସ ସୀମା ହେତୁ ସେମାନଙ୍କୁ ଅନୁପଯୁକ୍ତ ବିବେଚନା କରାଯିବ ନାହିଁ । ଅପରପକ୍ଷରେ, ଯୋଗ୍ୟତାର ମୂଲ୍ୟାଙ୍କନ କ୍ଷେତ୍ରରେ, ଉକ୍ତ ଦୀର୍ଘ 5 ବର୍ଷ କିମ୍ବା ତା 'ଠାରୁ ଅଧିକ ସମୟ ଧରି ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସେବା ପାଇଁ ସେମାନେ ହାସଲ କରିଥିବା ଅଭିଜ୍ଞତା ପାଇଁ 25 ପ୍ରତିଶତ ନମ୍ବର ପ୍ରଦାନ କରାଯିବ । ଏହି ମାମଲାର ସ୍ୱତନ୍ତ୍ର ତଥ୍ୟକୁ ବିଚାରକୁ ନେଇ ଏହି ନିର୍ଦ୍ଦେଶ ସବୁ ଦିଆଯାଇଛି ଏବଂ ଏହି ଆଦେଶ ଏହି ମାମଲାର ସ୍ୱତନ୍ତ୍ର ତଥ୍ୟ ମଧ୍ୟରେ ସୀମିତ ଥିବାରୁ ଏହାକୁ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ବିବେଚନା କରାଯିବା ଉଚିତ ନୁହେଁ । ତଦନୁସାରେ, ଖର୍ଚ୍ଚ ପାଇଁ କୌଣସି ଆଦେଶ ବିନା ଅପିଲଟି ପରିସମାପ୍ତ କରାଗଲା । ଆମେ ଯଥାର୍ଥ ଭାବରେ ଆଶା କରୁଛୁ ଯେ, ସମ୍ପୃକ୍ତ କର୍ତ୍ତୃପକ୍ଷ ଆଜିଠାରୁ ଛଅ ମାସ ମଧ୍ୟରେ ଖାଲି ହୋଇଥିବା ଅନୁମୋଦିତ ପଦବୀ ପୂରଣ ପାଇଁ ଯଥାଶୀଘ୍ର କାର୍ଯ୍ୟ କରିବେ ।

ଟି.ଏନ୍.ଏ. ଅପିଲ ପରିସମାପ୍ତ ହେଲା ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।